# Akashvani, Sambalpur

## SAMBALPURI NEWS EVENING BULLETIN

## 22 April 2025- 7.02 pm- 7.12 pm.

*********************************************

୧- ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ସବୁ ରାଜ୍ୟ ଆଉ କେନ୍ଦ୍ର ଶାସିତ୍ ଅଂଚଲର୍ ଲାଗି ମାଗଦର୍ଶିକା ଜାରି କଲେ କେନ୍ଦ୍ର ସରକାର ।

୨- ଖରା ଲାଗି ସ୍କୁଲ୍ ଛୁଟି ବାବ୍‌ଦେ ଜିଲ୍ଲାପାଳମାନେ ନେବେ ନିଷ୍ପତି- କହେଲେ ରାଜସ୍ୱ ମନ୍ତ୍ରୀ ।

-ଝାରସୁଗୁଡ଼ା ଜିଲ୍ଲା ନ ୩ ଦିନ୍ ସ୍କୁଲ୍ ଛୁଟି ଘୋଷଣା କଲେ ଜିଲ୍ଲାପାଳ ।

୩- ବାହାରିଲା ଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା-୨୦୨୪ର୍ ଫଲ୍ ।

ଆଉର୍

୪- ଆମ ଶକ୍ତି ଆମ ପୃଥିବୀ ବାର୍ତା ନେଇକରି ପାଳନ୍ କରାଯାଉଛେ ପୃଥିବୀ ଦିବସ୍

କେନ୍ଦ୍ର ଖରା ମାର୍ଗଦର୍ଶିକା-            ଆର୍‌ଏନ୍‌ୟୁ/ କଟକ

ବଢ଼ୁତି ଖରାକେ ନଜର୍‌ଥି ରଖିକରି କେନ୍ଦ୍ର ସରକାର ରାଜ୍ୟ ଆଉ କେନ୍ଦ୍ର ଶାସିତ୍ ଅଂଚଲମାନ୍‌କର ଲାଗି ମାର୍ଗଦର୍ଶିକା ଜାରି କରିଛନ୍ । କେନ୍ଦ୍ର ଶ୍ରମ ଆଉ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ୍ ମାଣ୍ଡଭୀୟ କହିଛନ୍, ଇ ବାବ୍‌ଦେ ମନ୍ତ୍ରଣାଳୟ ତର୍‌ଫୁ ସବୁ ରାଜ୍ୟ ଆଉ କେନ୍ଦ୍ର ଶାସିତ୍ ଅଂଚଲ୍ ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖାଯାଇଛେ । ଶ୍ରମିକାନଙ୍କୁ  ଖରାର୍ ପ୍ରକୋପ୍‌ନୁ ସୁରକ୍ଷା ଦେବାର୍ ଲାଗି ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ । ଇତାର ସହେତେ କାମ୍ କରୁଥିବା ଜାଗାମାନ୍‌କେ ଖରାର୍ ମୁକାବିଲା ବ୍ୟବସ୍ଥା କର୍‌ବାର, କର୍ମଚାରୀମାନଙ୍କର ନିୟମିତ୍ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତରଖାନାମାନ୍‌କେ ଅଂଶୁଘାତ ରୋଗୀମାନଙ୍କର ଚିକିତ୍ସା ଲାଗି ବ୍ୟବସ୍ଥା କର୍‌ବାର୍‌କେ ନିର୍ଦ୍ଦେଶ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ ।

ଖରା ମୁକାବିଲା-ରାଜସ୍ୱ ମନ୍ତ୍ରୀ-            ଭୁବନେଶ୍ୱର

ସମ୍ବାଦଦାତା

ରାଏଜେ ବଢ଼ୁତି ଖରାକେ ନଜର୍‌ଥି ରଖିକରି ସ୍କୁଲ୍ ଛୁଟି ବାବ୍‌ଦେ ଜିଲ୍ଲାପାଳମାନେ ନିଷ୍ପତି ନେବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଖରା

ଆଉ ଗରମ୍‌କେ ନଜର୍‌ଥି ରଖିକରି ରାଜସ୍ୱ ବିଭାଗ୍- ସ୍ୱାସ୍ଥ୍ୟ, ଶ୍ରମ, ଗଣଶିକ୍ଷା ବିଭାଗ୍ ସହେତେ ଭିନ୍ ଭିନ୍ ବିଭାଗ ସଙ୍ଗେ ଯୋଗାଯୋଗ ଜାରି ରଖିଛେ ଆଉ ଆଏବା ଦୁଇଦିନ୍ ଭିତ୍‌ରେ ଇ ବାବ୍‌ଦେ ସମୀକ୍ଷା ବୈଠକ୍ ବସ୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର------ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ)

ଛୁଟି ଘୋଷଣା-            ଝାରସୁଗୁଡ଼ା ସମ୍ବାଦଦାତ

ଖରା ବଢ଼୍‌ବାର୍‌ନୁ ଝାରସୁଗୁଡ଼ା ଜିଲ୍ଲାପାଳ ଏପ୍ରିଲ ୨୩ନୁ ୨୫ ତାରିଖ୍ ତକ୍ ଜିଲ୍ଲାନ ଛୁଟି ଘୋଷଣା କରିଛନ୍ । ଇ ସମିଆଥି ଜିଲ୍ଲା ଶିଶୁ ବାଟିକାନୁ ମୁଲ୍ କରି କରି ସବୁ ସରକାରୀ ଆଉ ବେସରକାରୀ ବିଦ୍ୟାଳୟମାନ୍‌କେ ୧୨ ଶ୍ରେଣୀ ତକ୍ ପାଠ୍‌ପଢ଼ା ବନ୍ଦ ରହେବା ବଲି ଜିଲ୍ଲାପାଳ ନିର୍ଦ୍ଦେଶନାମାଥି ସୂଚ୍‌ନା ଦେଇଛନ୍ ।

ବିଜ୍‌ଲି କାଟ୍-          ଭୁବନେଶ୍ୱର ସମ୍ବାଦଦାତା

କେହେନ୍‌ସି ଥିତିନ ଭିଲ୍ ଖରାଦିନେ ବିଜ୍‌ଲି ନାଇ କାଟ୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶକ୍ତି

ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଶ୍ରୀ ସିଂହଦେଓ କହିଛନ୍, ବଢ଼୍‌ତି ଖରା ଆଉ ଗରମ୍‌କେ ନଜର୍‌ଥି ରଖିକରି ବିଜ୍‌ଲି ନାଇଁକାଟ୍‌ବାର ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ । ଧୁକାଗର୍ଡି ସମିଆଥି କିଛି ଅସ୍‌ବିଧା ହେଲେ ତାର୍ ତୁର୍‌ତି ସମାଧାନ୍ କରାଯାଉଛେ ଆର୍ ବିଦ୍ୟୁତ୍ ସେବା ଯୁଗେଇ ଦିଆଯାଉଛେ । ଉପଭୋକ୍ତମାନେ ବିଲ୍ ଦେଇ ନାଇ ପାର୍‌ଲେ ଭିଲ୍ ବିଜ୍‌ଲି କଟା ନାଇଯାଏ । ହେଲେ ଉପଭୋକ୍ତାମାନଙ୍କୁ ବକେୟା ବିଲ୍ ଦେବାର୍‌କେ ହିଁ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଝାଓମରା ମୁକାବିଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢ଼୍‌ତି ଖରା ଆଉ ଝାଓମରାର୍ ମୁକାବିଲା ଲାଗି ଡାକ୍ତରଖାନାମାନେ ତୟାର୍ ଅଛନ୍ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍, ଇଥିର୍ ଲାଗି ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଉପଖଣ୍ଡ ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଖାସ୍ କୁଠା ତୟାର୍ ରଖ୍‌ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଜରୁରୀ କାମ୍ ନାଇଁ ଥିଲେ ଲୁକ୍‌କୁ ୧୦ ବଜେ ଉତ୍‌ରୁ ଘରୁ ନାଇଁ ବାହାର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଶ୍ରୀ ମିଶ୍ର କହିଛନ୍ ।

ରାସନ କାର୍ଡ - ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ଆଏବା ଗୁର୍‌ବାର ଦିନ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ ବାଂଟବେ ବଲି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ପଂଚାୟତିରାଜ୍ ଦିସବ୍ ଅବ୍‌ସରେ ୫ ଲାଖ୍ ୯୦ ହଜାର ହିତାଧିକାରୀମାନଙ୍କୁ ନୂଆ ରାସନ୍ କାର୍ଡ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।

ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ ସାହାଜ୍-              I&PR

କଟକ-ପାରାଦ୍ୱୀପ ରାସ୍ତାନ ଡ୍ୟୁଟି ଥି ଥାଇକରି ଦୁଇ ଝନ୍ ପୁଲିସ କର୍ମଚାରୀଙ୍କର୍ ଜୀବନ୍ ଯିବା ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ୍ କରିଛନ୍ । ସେମାନଙ୍କର୍ ପରିବାର ଲୁକ୍‌କୁ ମୁଖ୍ୟମନ୍ତ୍ରୀ ସମବେଦନା ଜନାବାର୍ ସହେତେ ୧୦ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷଣା କରିଛନ୍ । ଦୁର୍ଘଟ୍‌ନାଥି ଗୁରୁତର୍ ଥିବା ଆଉ ଝନେ ପୁଲିସ କର୍ମଚାରୀଙ୍କର୍ କଟକ ମେଡିକାଲ ନ ଚିକିତ୍ସା ଚାଲିଛେ ।
କେନ୍ଦୁଝର ଜିଲ୍ଲା ଯୋଡ଼ା ପାଖେ ଗଲାକାଏଲ୍ ସଡ଼କ୍ ଦୁର୍ଘଟନାଥି ଜୀବନ୍ ଯାଇଥିବର ୩ ଝନ୍‌ଙ୍କର୍ ପରିବାର ଲୁକ୍‌କୁ ଭିଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମବେଦନା ଜନାବାର୍ ସହେତେ ଫି

ପରିବାରକେ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ଟଙ୍କା ଘୋଷଣା କରିଛନ୍ ।

ଦାଦନ ସମସ୍ୟା ବୈଠକ୍- I&PR

ରାଏଜେ ଗୁରସ୍ ଉତ୍ପାଦନ୍‌ର ବିକାଶ ଜରିଏ ଦାଦନ୍ ସମସ୍ୟା ଦୂର୍ କର୍‌ବାର ଲାଗି ରାଜ୍ୟ ସରକାର ଯୋଜ୍‌ନା ତିଆର୍ କରିଛନ୍ । ଆଏଜ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ବାବଦ୍ ଆଲୋଚନା କରାଯାଇକରି ରଣନୀତି ତିଆର୍ କରାଯାଇଛେ । ରାଜ୍ୟର ଦାଦନ୍ ପ୍ରଭାବିତ୍ ଜିଲ୍ଲାମାନ୍‌କେ ଗୋରୁ ପାଲନ୍ କରି କରି ଲୁକ୍‌କୁ ରୋଜ୍‌ଗାର ଯୁଗାବାର ସହେତେ ଗୁରସ୍‌ନୁ ଭିନ୍ ଭିନ୍ ଦରବ୍ ତିଆର୍ କାମେ ଲୁକ୍‌କୁ ଲଗାବାର ଲାଗି ଇ ଅବ୍‌ସରେ ଆଲୋଚନା କରାଯାଇଥିଲା । ଜିଲ୍ଲମାନଙ୍କର ଥିତି ତଦାରଖ୍ କରି କରି ରଣନୀତି ବନାବାର୍‌କେ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ ।

ହାଇକୋର୍ଟ ବିଚାରପତି- ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ସୁପ୍ରିମକୋର୍ଟ କଲେଜିୟମ୍ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦଙ୍କର୍ ବଦଳି ଲାଗି ସୁପାରିସ୍ କରିଛନ୍ । ଜଷ୍ଟିସ ଶ୍ରୀପଦ ଫେବୃୟାରୀ ୨୦୧୮ ମସିହାନୁ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

ଆଇଏଏସ୍ ପରୀକ୍ଷା ଫଳ- ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଲୋକ ସେବା ଆୟୋଗ୍-ୟୁପିଏସ୍‌ସି ପରିଚାଳିତ୍ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା -୨୦୨୪ ଫଳ୍ ଆଏଜ୍ ବାହାରିଛେ । ଇଥି ହଜାରେ ୯ ଝନ୍ ସଫଲ୍‌ତା ପାଇଥିଲା ବେଲ୍‌କେ ସର୍ବଭାରତୀୟ ସ୍ତରେ ଶକ୍ତି ଦୁବେ ଟପର୍ ହେଇଛନ୍ । ଓଡ଼ିଶାର୍ ରିତିକା ରଥ ୪୮ ନମ୍ବର ରେଙ୍କ୍ ପାଇକରି ରାଜ୍ୟ ଟପର୍ ହେଇଛନ୍ । ସେନ୍ତା ୯୫ ନମ୍ବର ରେଙ୍କଥି ରହିକରି ଦେବିକା ପ୍ରିୟଦର୍ଶିନୀ ୨ ନମ୍ବର ଆଉ ୯୬ ନମ୍ବର ରେଙ୍କ ପାଇକରି ଆଦିତ୍ୟ ଆଚାର୍ଯ୍ୟ ୩ ନମ୍ବର ଠାନେ ରହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି

ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପୃଥିବୀ ଦିବସ୍-            ଆର୍‌ଏନ୍‌ୟୁ/ ସମ୍ବଲପୁର

'ଆମ ଶକ୍ତି, ଆମ ପୃଥିବୀ' ବାର୍ତା ନେଇକରି ପୁର୍‌ଥିର୍ ପରିବେଶ ସୁରକ୍ଷା ଆଉ ସଂରକ୍ଷଣ ଲାଗି ଆଏଜ୍ ପାଳନ୍ କରାଯାଉଛେ ପୃଥିବୀ ଦିବସ୍ । ସୁନ୍ଦର ଭବିଷ୍ୟତ୍ ଆଉ ସୁସ୍ଥ ପୁର୍‌ଥି ଗଠନ୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦ୍ୟେଶ୍‌ଥି

୧୯୭୦ ମସିହା ଏପ୍ରିଲ ୨୨ ତାରିଖ୍ ଆମେରିକାନ ପହେଲା କରି ପୁର୍‌ଥି ଦିବସ୍ ପାଲନ୍ କରାଯାଇଥିଲା ।

ଇ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ ସର୍‌କାରୀ, ବେସର୍‌କାରୀ ସଂସ୍ଥା ତର୍‌ଫୁ ଗଛ୍ ଲଗାଯାଉଛେ ଆଉ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ପୃର୍‌ଥି ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି ପୃଥିବୀ ମା'ର୍ ସୁରକ୍ଷା କର୍‌ବାର ଲାଗି ଆହ୍ୱାନ୍ ଦେଇଛନ୍ । ଗୁଟେ ସ୍ଥାୟୀ ଭବିଷ୍ୟତ୍‌ର ନିର୍ମାଣ ଲାଗି ସମ୍‌କୁ ଏକ୍ ହେବାର୍‌କେ ରାଜ୍ୟପାଳ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୃଥିବୀ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି ଗଛ୍ ଲଗାବାର୍, ପାନିର୍ ସୁରକ୍ଷା ଆଉ ନୁକ୍‌ସାନ୍‌କେ ରୁକ୍‌ବାର ସହେତେ ସବୁଜ ଶକ୍ତିକେ ବିକଳ୍ପ ଭାବେ ବାଛ୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଚ୍ଛ ଶକ୍ତି, ସ୍ଥାୟୀ ବିକାଶକେ ତହଁକାବାର୍ ଆଉ ଜଲବାୟୁ ପରିବର୍ତନ୍‌ର ମୁକାବିଲା ଦିଗେ କାମ୍ କର୍‌ବାର୍ ଲାଗି ପୃଥିବୀ ଦିବସ୍ ଅବ୍‌ସରେ ସମ୍‌କୁ ପରାମର୍ଶ ଦେଇଛନ୍ ।

ଓ୍ୱେଭ୍‌ସ-      ଆର୍‌ଏନ୍‌ୟୁ/ କଟକ

ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ -ୱେଭ୍ସ୍ କମିକ୍ସ କ୍ରିଏଟର ପ୍ରତିଯୋଗିତାର୍ ଆମିଚିଓର୍ ବର୍ଗଥି କେନ୍ଦ୍ରପଡ଼ା ଜିଲ୍ଲାର ରଣଦୀପ ସିଂହ ପହେଲା ୧୦ ନମ୍ବର୍ ଭିତ୍ରେ ଠାନ୍ ପାଇଛନ୍ । ସେ ଶ୍ରୀ ବଳଦେବଜୀଉଙ୍କର କନ୍ଦରାସୁର ବଦ୍ଧ ବିଷେ କେ କମିକ୍ସ ଆକାରରେ ବର୍ଣ୍ଣନା କରି କରି ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ମୁମ୍ବାଇନ ଆଏବା ମାସର୍ ୧ ତାରିଖ୍‌ନୁ ହେବାର୍‌କେ ଥିବା ୱେଭ୍ସ ସମ୍ମିଳନୀଥି ସେ ଯୋଗ୍ ଦେବେ ।

ଜିଲ୍ଲା ପରିଷଦ ବୈଠକ- ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷନ ୮ ନମ୍ବର ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାୟକଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିରୋଧୀ ଦଲ୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ୍ ଦେଇକରି ଜିଲ୍ଲାର ଉନ୍ନୟନ୍ ମୂଲକ୍ କାମ୍ ବାବ୍‌ଦେ ସମୀକ୍ଷା କରିଛନ୍ । ପଂଚାୟତିରାଜ ମନ୍ତ୍ରୀ ପିଇବାର୍ ପାଏନ୍, ବିଦ୍ୟୁତ୍ କାଟ୍ ସମସ୍ୟା ଯେନ୍ତା ନାଇ ହେବା ସେ ବାବ୍‌ଦେ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ ।

(ଭଏସ୍ ଓଭର---- ମନ୍ତ୍ରୀ ରବି ନାଏକ)

ଘାସିରାମ ମାଝୀ ତିରୋଧାନ ଦିବସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବିଶିଷ୍ଟ ଆଦିବାସୀ ନେତା ଆଉ ଆଘର ମନ୍ତ୍ରୀ ସ୍ୱର୍ଗତ୍ ଘାସିରାମ ମାଝୀଙ୍କର ୨୮ ନମ୍ବର ତିରୋଧାନ୍ ଦିବସ୍ ଅନୁଷ୍ଠିତ୍ ହେଇଛେ । ନୂଆପଡ଼ା ସହରର ଏକତା ଛକଠାନେ ଇଲାକାର୍ ବହୁତ୍ ସିଆନ୍ ସୁଜନ୍ ଉପସ୍ଥିତ ରହିକରି ସ୍ୱର୍ଗତ୍ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ପାଣିପାଗ- ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗଲା ଦୁଇଦିନ୍ ଭିତ୍ରେ ଅସ୍ୱାଭାବିକ୍ ଭାବେ ବଢ଼ିଚାଲିଛେ ତାତି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ଦୁଇ ଦିନ୍ ଭିତ୍ରେ ଆହୁରି ୨ନୁ ୩ ଡିଗ୍ରୀ ତକ୍ ତାତି ବଢ଼୍ବା । ଆଏଜ୍ ଝାରସୁଗଡ଼ାନୁ ରାଜ୍ୟର ସବୁନୁ ଜହ ତାତି ୪୬.୨ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଛେ । ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାନ ଗ୍ରୀଷ୍ମ ଲହରୀ ନେଇକରି ପାଣିପାଗ କେନ୍ଦ୍ର ସତର୍କ ସୂଚ୍ନା ଜାରି କରାଯାଇଛେ ।